# ଟି-୨୦ ବିଶ୍ୱକପ୍ ବାତିଲ ନିଶ୍ଚିତ

**ମୁମ୍ବାଇ,ଚେନ୍ନାଇ,୨୨।୫/ଏଜେନ୍ସି:** ଅଷ୍ଟ୍ରେଲିଆରେ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ହେବାକୁ ଥିବା ଟି-୨୦ ୱାର୍ଲ୍ଡକପ୍ ବାତିଲ ହେବା ନିଶ୍ଚିତ। କରୋନା ଭାଇରସ୍ ଯୋଗୁଁ ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ସୀମା ସେପ୍ଟେମ୍ବର ୧୭ ଯାଏ ବନ୍ଦ ରହିବ। ଏଣୁ ଏହି ସମୟ ମଧ୍ୟରେ ଏଭଳି ଏକ ମେଗା ଇଭେଣ୍ଟ ଆୟୋଜନ କରିବା ଅସମ୍ଭବ। ଏହାର ଆୟୋଜକ ଇଣ୍ଟରନ୍ୟାସନାଲ କ୍ରିକେଟ କାଉନ୍ସିଲ (ଆଇସିସି) ଓ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ବାତିଲ ହେବା ନେଇ କୌଣସି ଘୋଷଣା ହୋଇନାହିଁ। କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତି ଏବଂ କ୍ରିକେଟ ଅଷ୍ଟ୍ରେଲିଆ କର୍ମକର୍ତ୍ତା ଖାଲି ଷ୍ଟାଡିୟମ୍‌ରେ ବିଶ୍ୱକପ୍ ଆୟୋଜନ ସପକ୍ଷରେ ନ ଥିବାରୁ ଏହା ବାତିଲ ହେବା ସ୍ପଷ୍ଟ ହୋଇଯାଇଛି। ମେ' ୨୮ରେ ଆଇସିସି କାର୍ଯ୍ୟନିର୍ବାହୀ କମିଟିର ବୈଠକ ବସିବ। ଏହି ସମୟରେ ୨୦୨୦ ଟି-୨୦ ବିଶ୍ୱକପ୍ ବାତିଲ ହେବା ସମ୍ପର୍କରେ ବିଧିବଦ୍ଧ ଘୋଷଣା କରାଯିବ। ଟେଲିକନଫରେନ୍ସରେ ହେବାକୁ ଥିବା ଏହି ବୈଠକରେ ମଧ୍ୟ ଆଇସିସି ଚେୟାରମ୍ୟାନ୍ ନିର୍ବାଚନ ଲାଗି ତାରିଖ ଘୋଷଣା କରାଯିବାର ସମ୍ଭାବନା ରହିଛି। ସେହିପରି ବାତିଲ ହୋଇଥିବା ବିଶ୍ୱକପ୍ କେବେ ଓ କେଉଁଠି ଆୟୋଜିତ ହେବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇ ତାରିଖ ଘୋଷଣା କରାଯାଇପାରେ। ଫ୍ୟୁଚର ଟୁର୍‌ସ ପ୍ରୋଗ୍ରାମ୍ (ଏଫ୍‌ଟିପି) ପୁନର୍ବାର କରାଯିବା ସମ୍ପର୍କରେ ମଧ୍ୟ ଏହି ବୈଠକରେ ଆଲୋଚନା ହେବ ବୋଲି ସୂଚନା ମିଳିଛି।



ଉଭୟ ଆଇସିସି ଓ କ୍ରିକେଟ ଅଷ୍ଟ୍ରେଲିଆ ସମସ୍ତ ପ୍ରକାର ଉଦ୍ୟମ କଲେ ମଧ୍ୟ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ମଧ୍ୟରେ ଟି-୨୦ ବିଶ୍ୱକପ୍ ଆୟୋଜନ କରିପାରିବେ ନାହିଁ। ଏଥିଲାଗି କେବଳ କରୋନା ଭାଇରସ୍ ହିଁ ଦାୟୀ। ଏହି ମହାମାରୀର ସଂକ୍ରମଣ ରୋକିବାକୁ ଅଷ୍ଟ୍ରେଲିଆ ସରକାର ସେପ୍ଟେମ୍ବର ୧୭ ଯାଏ ଅନ୍ତର୍ଜାତୀୟ ଯାତାୟାତ ଉପରେ କଟକଣା ଲଗାଇଛନ୍ତି। ଏହି କଟକଣା ଉଠିଗଲେ ଓ ସ୍ଥିତି ଭଲ ଥିଲେ ବିଶ୍ୱକପ୍ ଆୟୋଜନ ଲାଗି ଆଉ ମାତ୍ର ଏକମାସ ସମୟ ରହିବ। ଏହି ସମୟ ମଧ୍ୟରେ ଲଜିଷ୍ଟିକ୍ ଓ ହସ୍ପିଟାଲିଟି କାମ ଶେଷ କରିବା କଷ୍ଟକର। ସେହିପରି ଟି-୨୦ ବିଶ୍ୱକପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ୭ଟି ଭେନ୍ୟୁରେ ୪୫ଟି ମ୍ୟାଚ୍ ଆୟୋଜିତ ହେବ। ଏହି ସମୟରେ ବିଭିନ୍ନ ରାଜ୍ୟ ସରକାରଙ୍କଠାରୁ ଅନୁମତି ଆଣିବାକୁ ହେବ। ସେତେବେଳେ ଭେନ୍ୟୁଗୁଡ଼ିକ କିଭଳି ଅବସ୍ଥାରେ ଥିବ, ତାହା ଏବେଠାରୁ କହିହେବ ନାହିଁ। ଅନ୍ୟପକ୍ଷରେ କରୋନା ଭାଇରସ୍ ସଂକ୍ରମଣ ରୋକିବା ସକାଶେ ଅଷ୍ଟ୍ରେଲିଆରେ ଖେଳାଳି, ଅଫିସିଆଲ ପହଞ୍ଚିବା ପରେ ସେମାନଙ୍କୁ ଅତି କମରେ ୧୪ ଦିନ ପାଇଁ କ୍ୱାରେଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ସେହିପରି ଷ୍ଟାଡିୟମ୍‌ରେ ଦର୍ଶକଙ୍କୁ ଖେଳ ଦେଖିବା ଲାଗି ଅନୁମତି ମିଳିବ ନାହିଁ। ଏହାକୁ ଅଷ୍ଟ୍ରେଲିଆର ଖେଳାଳିମାନେ ଦୃଢ଼ ବିରୋଧ କରିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ମଧ୍ୟ ଏହାକୁ ବିରୋଧ କରିବ। ଷ୍ଟାଡିୟମ୍‌ରେ ଦର୍ଶକ ଯେଉଁ ଟିକେଟ କିଣି ଖେଳ ଦେଖିବାକୁ ଯାଆନ୍ତି, ସେହି ଅର୍ଥ ଆୟୋଜକ ଦେଶ ନେଇଥାଏ। ବିନା ଦର୍ଶକରେ ଖେଳ ହେଲେ କ୍ରିକେଟ ଅଷ୍ଟ୍ରେଲିଆ ବହୁ ପରିମାଣର ରାଜସ୍ୱ ହରାଇବ। ତେଣୁ ବିନା ଦର୍ଶକରେ ଟୁର୍ଣ୍ଣାମେଣ୍ଟ ଖେଳାଯାଉ, ଅଷ୍ଟ୍ରେଲିଆ କଦାପି ଏହା ଚାହିଁବ ନାହିଁ। ବରଂ ଏହାପରେ ହେବାକୁ ଥିବା ଭାରତ ବିପକ୍ଷ ସିରିଜ୍ କିପରି ସଫଳତାର ସହ ଆୟୋଜନ କରିହେବ, ତାହା ଉପରେ ବୋର୍ଡ ଗୁରୁତ୍ୱ ଦେବ। କାରଣ ଏହି ଟୁର୍ ଉପରେ କ୍ରିକେଟ ଅଷ୍ଟ୍ରେଲିଆର ଦେବାଳିଆ ସ୍ଥିତି ସୁଧୁରିଯିବା ନେଇ ଅଧିକ ନିର୍ଭରଶୀଳ। ଭାରତ ବିପକ୍ଷ ସିରିଜ୍ ଆୟୋଜିତ ନ ହେଲେ କ୍ରିକେଟ୍ ଅଷ୍ଟ୍ରେଲିଆକୁ ପାଖାପାଖି ୩ ଶହ ନିୟୁତ ଅଷ୍ଟ୍ରେଲୀୟ ଡଲାର୍‌ର କ୍ଷତି ସହିବାକୁ ପଡ଼ିବ। ତେଣୁ ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ ଆଇସିସି ଟି-୨୦ ବିଶ୍ୱକପ୍ ନୁହେଁ, ବରଂ ଭାରତ ବିପକ୍ଷ ପୂର୍ଣ୍ଣ ସିରିଜ୍ କିପରି ସମ୍ଭବପର ହୋଇପାରିବ, ତାହା ଉପରେ ଫୋକସ୍ କରିବା ନିଶ୍ଚିତ।

## ଅଡୁଆରେ ଭାରତ

ଆଗାମୀ ଆଇସିସି ଟି-୨୦ ବିଶ୍ୱକପ୍ ବାତିଲ ହେଲେ ଭାରତର କିଛି ଅସୁବିଧା ହେବ ନାହିଁ। କିନ୍ତୁ ଏହାପରେ ହେବାକୁ ଥିବା ଖେଳସୂଚୀରେ ପରିବର୍ତ୍ତନ କରା ନଗଲେ ଭାରତକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ବିଶ୍ୱକପ୍‌କୁ ଯଦି ୨୦୨୧କୁ ଘୁଞ୍ଚାଇ ଦିଆଯାଏ, ତା'ହେଲେ ଏହା ଫେବୃଆରୀ-ମାର୍ଚ୍ଚରେ ଆୟୋଜିତ ହୋଇପାରିବ। କିନ୍ତୁ ଏହାପରେ ଆଇପିଏଲ ହେବାକୁ ଥିବାରୁ ଅଧିକ ଟି-୨୦ ମ୍ୟାଚ୍ ଦେଖିବାକୁ କେହି ପସନ୍ଦ କରିବେ ନାହିଁ। ସେହିପରି ପ୍ରସାରଣକାରୀ ସଂସ୍ଥା ଷ୍ଟାର ସ୍ପୋର୍ଟ୍ସ ମଧ୍ୟ ରାଜି ହୋଇ ନପାରେ। କାରଣ ଏହା ଉଭୟ ଇଭେଣ୍ଟର ପ୍ରସାରଣ ଅଧିକାର ପାଇଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଯଦି ୨୦୨୧ରେ ଓ ଭାରତ ୨୦୨୨ର ଆଇସିସି ବିଶ୍ୱକପ୍ ଆୟୋଜନ କରିବାକୁ ରାଜି ହୁଅନ୍ତି, ତଥାପି ବି ଭାରତ ଲାଗି ଅସୁବିଧା ହେବ। ଏହି ସମୟରେ ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତ ଘରୋଇ ମାଟିରେ ସଫଳ ହେବ ନାହିଁ। କିନ୍ତୁ ଅଷ୍ଟ୍ରେଲିଆ ଯଦି ଏହି ଟୁର୍ଣ୍ଣାମେଣ୍ଟକୁ ୨୦୨୨ରେ ଆୟୋଜନ କରିବାକୁ ରାଜି ହୁଏ, ତେବେ ହୁଏତ ଖେଳାଳି ଓ ଅଫିସିଆଲଙ୍କ ଲାଗି ସୁବିଧା ହୋଇପାରେ। ଏହିବର୍ଷ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତା ନଥିବାରୁ କୌଣସି କ୍ରିକେଟ ବୋର୍ଡ କିମ୍ବା ଖେଳାଳିଙ୍କ ଅଂଶଗ୍ରହଣରେ କିଛି ବି ଅସୁବିଧା ହେବ ନାହିଁ। ତେବେ ଆସନ୍ତା ୨୮ରେ ହେବାକୁ ଥିବା ଆଇସିସି ବୋର୍ଡ ବୈଠକରେ ଏସବୁର ଉତ୍ତର ମିଳିଯିବ ବୋଲି ଆଶା କରାଯାଉଛି।